# NATIONAL NEWS BULLETIN (ODIA)

## 18th December - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓମାନର ସୁଲ୍‌ତାନଙ୍କ ଉପସ୍ଥିତିରେ ଆଜି ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହେବ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ।
- ସଂସଦରେ ପାରିତ ହେଲା ପ୍ରତ୍ୟାହାର ଓ ସଂଶୋଧନ ବିଲ୍‌-୨୦୨୫ ।
- ଲୋକସଭାରେ VB G. RAM G-2025 ବିଲ୍‌ ଉପରେ ଚାଲିଥିବା ଆଲୋଚନାର ଆଜି ଉତ୍ତର ରଖିବେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ।
- ପାରମ୍ପରିକ ଔଷଧ ଉପରେ ଗବେଷଣା, ମାନ ନିର୍ଦ୍ଧାରଣ ଓ ବିଶ୍ୱସ୍ତରୀୟ ସହଯୋଗ ବୃଦ୍ଧି କରିବା ଉପରେ ଆୟୁଷ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତକାଲି ଲକ୍ଷ୍ନୌରେ ହେବାକୁ ଥିବା ଚତୁର୍ଥ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଘନ କହୁଡ଼ି ଯୋଗୁଁ ବାତିଲ୍ ।

— ଆସନ୍ତାକାଲି ଅହମ୍ମଦାବାଦରେ ଖେଳାଯିବ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ।

## ପି.ଏମ୍. - ଓମାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଓମାନ ଗସ୍ତ ଅବସରରେ ଆଜି ଭାରତ-ଓମାନ ମଧ୍ୟରେ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହେବ । ଏହି ମୁକ୍ତ ବାଣିଜ୍ୟ ରାଜିନାମାରେ ଭାରତର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ୍ ଏବଂ ତାଙ୍କର ଓମାନ ପ୍ରତିପକ୍ଷ କୁଏସ୍ ଅଲ୍ ୟୁସେଫ୍ ସ୍ୱାକ୍ଷର କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ଓମାନର ସୁଲ୍ତାନ ହାଇଥାମ୍ ବିନ୍ ତାରିକ୍'ଙ୍କ ଉପସ୍ଥିତିରେ ଏହି ରାଜିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଓମାନ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଓମାନ ହେଉଛି ଭାରତ ସହିତ ସ୍ଥାୟୀ ବନ୍ଧୁତ୍ୱ ଏବଂ ନିବିଡ଼ ଐତିହାସିକ ସମ୍ପର୍କର ଦେଶ । ତାଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗିଦାରୀ ଏବଂ ସହଯୋଗକୁ ଅଧିକ

ପ୍ରୋତ୍ସାହନ ଦେବା ସହିତ ଅପାର ସୁଯୋଗ ସୃଷ୍ଟି କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜୋର୍ଡ଼ାନ୍ ଓ ଇଥିଓପିଆର ସଫଳ ଗସ୍ତ ଶେଷ କରି ଗତକାଲି ସନ୍ଧ୍ୟାରେ ଦୁଇଦିନିଆ ଓମାନ ଗସ୍ତରେ ଯାଇ ମସ୍କଟ୍‌ଠାରେ ପହଞ୍ଚିଛନ୍ତି । ମସ୍କଟ୍ ବିମାନ ବନ୍ଦରରେ ଓମାନର ପ୍ରତିରକ୍ଷା ବ୍ୟାପାର ଉପପ୍ରଧାନମନ୍ତ୍ରୀ ସାୟିଦ ସିହାବ ବିନ୍ ତାରିକ୍ ଅଲ୍ ସଇଦ୍ ଶ୍ରୀ ମୋଦିଙ୍କୁ ସ୍ୱାଗତ କରିଥିଲେ । ପରେ ଉଭୟ ନେତା ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ଏବଂ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି ।

ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଓମାନ୍‌ର ସୁଲ୍‌ତାନଙ୍କ ନିମନ୍ତ୍ରଣକ୍ରମେ ସେଠାକୁ ଦୁଇଦିନିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଗତକାଲି ମସ୍କାଟ୍‌ର ହୋଟେଲ୍‌ରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ସେମାନଙ୍କ ପକ୍ଷରୁ ଓମାନର ବିଭିନ୍ନ ପାରମ୍ପରିକ ନୃତ୍ୟ ସହିତ ଭାରତର ଶାସ୍ତ୍ରୀୟ କୁଚିପୁଡ଼ି ଓ କଥକ୍ ନୃତ୍ୟ, ରାଜସ୍ଥାନର ଘୁମର, କର୍ଣ୍ଣାଟକର ଲୋକନୃତ୍ୟ ଯାକ୍‌ସାନା ଭଳି ପାରମ୍ପରିକ ଶୈଳୀରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଛି । ସୁଲ୍‌ତାନଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ଭାରତ-ଓମାନ ବ୍ୟାବସାୟିକ ଫୋରମ୍‌ରେ ମଧ୍ୟ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଏତଦ୍‌ବ୍ୟତୀତ ଶ୍ରୀ ମୋଦି ସ୍ଥାନୀୟ ପ୍ରବାସୀ ଭାରତୀୟଙ୍କ ସହିତ ଭାବ ବିନିମୟ ମଧ୍ୟ କରିବେ । ଭାରତ-ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଆର୍.ଏସ୍. - ରିପିଲିଂ ଆଣ୍ଡ ଆମେଣ୍ଡିଂ ବିଲ୍

ପ୍ରତ୍ୟାହାର ଓ ସଂଶୋଧନ ବିଲ୍-୨୦୨୫ ଗତକାଲି ସଂସଦର ଅନୁମୋଦନ ଲାଭ କରିଛି । ଗତ ମଙ୍ଗଳବାର ଦିନ ଏହି ବିଲ୍ ଲୋକସଭାରେ ପାରିତ ହେବା ପରେ ଗତକାଲି ଏହାକୁ ରାଜ୍ୟସଭାରେ ମଞ୍ଜୁରି ମିଳିଛି । ଏହି ବିଲ୍‌ଦ୍ୱାରା ଦେଶରେ କେତେକ ଆଇନ୍‌କୁ ପ୍ରତ୍ୟାହାର କରାଯିବା ସହିତ ଅନ୍ୟ କେତେକ ଆଇନ୍‌ରେ ସଂଶୋଧନ କରାଯିବାର ବ୍ୟବସ୍ଥା ରହିଛି । ଏହି ବିଲ୍ ସମ୍ପର୍କରେ ସୂଚନା ଦେଇ ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି, ଜୀବନ ଧାରଣ ଏବଂ ବ୍ୟବସାୟକୁ ସହଜ କରିବା ଉଦ୍ଦେଶ୍ୟରେ ଏହି ବିଲ୍ ଉଦ୍ଦିଷ୍ଟ । ୭୧ଟି ଆଇନକୁ ରଦ୍ଦ କିମ୍ବା ସଂଶୋଧନ କରିବା ଉଦ୍ଦେଶ୍ୟରେ ଏହି ବିଲ୍ ଅଣାଯାଇଛି । ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ରେ ସଂଶୋଧନ କରାଯାଇ ନିବାରଣ ଶବ୍ଦ ବଦଳରେ ପ୍ରସ୍ତୁତିକୁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ମଧ୍ୟ ଏହି ବିଲ୍ ଅଣାଯାଇଛି ବୋଲି ସେ

କହିଛନ୍ତି । ଯେଉଁ ଆଇନଗୁଡ଼ିକ ବର୍ତ୍ତମାନ ସମୟୋପଯୋଗୀ ନୁହେଁ କିମ୍ବା ଅନାବଶ୍ୟକ, ସେଗୁଡ଼ିକୁ ନରେନ୍ଦ୍ର ମୋଦିଙ୍କ ସରକାର ପ୍ରତ୍ୟାହାର କରି ନୂତନ ଆଇନ କାର୍ଯ୍ୟକାରୀ କରିବା ଦିଗରେ ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ମେଘୱାଲ୍ କହିଛନ୍ତି । ସେ କହିଛନ୍ତି, ବିଚାରାଧୀନ ମାମଲା ହ୍ରାସ କରିବା ଦିଗରେ ମଧ୍ୟ ସରକାର କାର୍ଯ୍ୟ କରୁଛନ୍ତି । ଏକ୍ଷେତ୍ରରେ ବିବାଦ ସମାଧାନ ଲାଗି ବିକଳ୍ପ ସମାଧାନ ବ୍ୟବସ୍ଥାକୁ ସରକାର ପ୍ରୋତ୍ସାହିତ କରୁଛନ୍ତି । ୨୦୧୪ ମେ ମାସ ପରଠାରୁ ଦେଶରେ ଅପ୍ରଚଳିତ ହୋଇଥିବା ୧ ହଜାର ୫୭୭ ଆଇନକୁ ରଦ୍ଦ କରାଯାଇଛି । ସେଥିମଧ୍ୟରୁ ୧ ହଜାର ୫୬୨ଟି ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଥିବା ସମୟରେ ୧୫ଟିକୁ ପୁନଃ ପ୍ରଣୟନ କରାଯାଇଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

## ଏଲ୍.ଏସ୍. - ଜି. ରାମ୍ ଜି. ବିଲ୍

କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ଆଜି ଲୋକସଭାରେ ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ଆଲୋଚନାର ଉତ୍ତର ରଖିବେ । ଗତକାଲି ଏହି ବିଲ୍ ଲୋକସଭାରେ ଆଗତ କରାଯାଇଥିଲା ଏବଂ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହା

ଉପରେ ଆଲୋଚନା ଜାରି ରହିଥିଲା । ଏହା ଗୃହୀତ ହେବା ଦ୍ୱାରା ଏହି ବିଲ୍ ୨୦ବର୍ଷର ପୁରାତନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ର ସ୍ଥାନ ନେବ । ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ଏଥିରେ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି । ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ ଧ୍ୟାନ ଦିଆଯାଇଛି । ଏହି ବିଲ୍‌ଦ୍ୱାରା ଦେଶରେ ଆତ୍ମନିର୍ଭର, ବିକଶିତ ତଥା ଦାରିଦ୍ର୍ୟମୁକ୍ତ ଗ୍ରାମ ସୃଷ୍ଟି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଯାଦବ - ଡବ୍ଲ୍ୟୁ.ଏଚ୍.ଓ. ଗ୍ଲୋବାଲ୍ ସମ୍ମିଟ୍

ପାରମ୍ପରିକ ଔଷଧ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ଗତକାଲିଠାରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଛି । ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ ଏଥିରେ ଉଦ୍‌ବୋଧନ ଦେଇ ପାରମ୍ପରିକ ଔଷଧ କ୍ଷେତ୍ରରେ ଭାରତର ଦୀର୍ଘ ଅଭିଜ୍ଞତା ଉପରେ ଆଲୋକପାତ କରିଛନ୍ତି । ପାରମ୍ପରିକ ଔଷଧ ଉପରେ ଗବେଷଣା, ମାନ ନିର୍ଦ୍ଧାରଣ ଏବଂ ଏକ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗ ବୃଦ୍ଧି କରିବା ଉପରେ

ସେ ଗୁରୁତ୍ୱାରୋପ କରିଛନ୍ତି । ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଏଭଳି ସହଯୋଗ ପାରମ୍ପରିକ ଔଷଧକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦିଗରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ଶ୍ରୀ ଯାଦବ କହିଛନ୍ତି । ଏଥିସହିତ ଶିକ୍ଷା, ଗବେଷଣା, କ୍ଷମତା ନିର୍ମାଣ, ବୃତ୍ତି ପ୍ରଦାନ, ଆୟୁଷ ଗ୍ରୀଡ୍ ଭଳି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଏବଂ ବୈଶ୍ୱିକ ସହଯୋଗ ମାଧ୍ୟମରେ ଭାରତ ଏକ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗକୁ କିଭଳି ସମ୍ପ୍ରସାରଣ କରୁଛି, ସେ ସମ୍ପର୍କରେ ମଧ୍ୟ ଆୟୁଷ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରସ୍ ଆଧାନମ୍ ଘେବ୍ରି-ୟେସସ୍’ ବିଜ୍ଞାନ ଏବଂ ପରମ୍ପରା ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ୱାସ୍ଥ୍ୟକ୍ଷେତ୍ରକୁ ବିକଶିତ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

କେନ୍ଦ୍ର ଆୟୁଷ ସଚିବ ବୈଦ୍ୟ ରାଜେଶ କୋଟେଚା କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ରାଷ୍ଟ୍ର ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଦନ ଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ କୋଟେଚା କହିଛନ୍ତି । ଏହି ସମ୍ମିଳନୀ ଅବସରରେ ୧୬ଟି ଦେଶ ସହିତ ଦ୍ୱିପକ୍ଷୀୟ ବୈଠକ ହେବା ସଙ୍ଗେ ସଙ୍ଗେ ତାଞ୍ଜାନିଆ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆୟୁଷ ସଚିବ ସୂଚନା ଦେଇଛନ୍ତି ।

## ଶେଖାୱତ-ନେହେରୁ ଡକ୍ୟୁମେଣ୍ଟ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମ୍ପର୍କିତ ଦସ୍ତାବିଜ୍ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପାଠାଗାରରୁ ହଜିଥିବା ସମ୍ପର୍କିତ କଂଗ୍ରେସର ଅଭିଯୋଗକୁ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କଂଗ୍ରେସ ସାଂସଦ ଜୟରାମ ରମେଶଙ୍କର ଏ ସମ୍ପର୍କିତ ଅଭିଯୋଗର ଉତ୍ତର ଦେଇ ଶ୍ରୀ ଶେଖାୱତ କହିଛନ୍ତି ୨୦୦୮ ମସିହାରେ ୟୁପିଏ ସରକାରଙ୍କ ଅମଳରେ ନେହେରୁଙ୍କର ଦସ୍ତାବିଜ୍ ଏହି ସଂଗ୍ରହାଳୟ ପାଠାଗାରରୁ ନିଆଯାଇଥିଲା । ତେବେ ଏଗୁଡ଼ିକ କୌଣସି ପାରିବାରିକ ଘରୋଇ ଦସ୍ତାବିଜ୍ ନୁହେଁ ବରଂ ଦେଶର ଜାତୀୟ ଐତିହାସିକ ତଥ୍ୟ । ଗବେଷକ, ଛାତ୍ରଛାତ୍ରୀ ତଥା ନାଗରିକମାନେ ପଣ୍ଡିତ ନେହେରୁଙ୍କର ଜୀବନାଦର୍ଶ ଉପରେ ଅଧ୍ୟୟନ କରିବା ଲାଗି ଏହି ପ୍ରକୃତ ଦସ୍ତାବିଜ୍‌କୁ ଯେକୌଣସି ସମୟରେ ବ୍ୟବହାର କରିପାରିବେ ବୋଲି ଶ୍ରୀ ଶେଖାୱତ ସ୍ପଷ୍ଟ କରିଛନ୍ତି ।

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଗତକାଲି ୫ ମହିଳାଙ୍କ ସମେତ ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀଙ୍କ ଉପରେ

୩୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ରାଜ୍ୟ ସରକାରଙ୍କ ପୁନଃ ଥଇଥାନ ନୀତି ଅନୁଯାୟୀ ସମ୍ପୃକ୍ତ ମାଓବାଦୀମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି ।

## କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତକାଲି ଲକ୍ଷ୍ନୌରେ ହେବାକୁ ଥିବା ଚତୁର୍ଥ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ବାତିଲ୍ ହୋଇଯାଇଛି । ସ୍ଥାନୀୟ ଭାରତରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ଟିକୁ ଅତ୍ୟଧିକ କୁହୁଡ଼ି ଲାଗି ଅମ୍ପାୟାର୍ ବାତିଲ୍ କରିଥିବା ଜଣାଯାଇଛି । ବାରମ୍ବାର ପଡ଼ିଆ ନିରୀକ୍ଷଣ ପରେ ମଧ୍ୟ ଟସ୍ ପକାଇବା ସମ୍ଭବପର ହୋଇ ନ ଥିବାରୁ ଅମ୍ପାୟାର୍‌ଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ୫ଟିକିଆ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୨-୧ରେ ଆଗୁଆ ରହିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତାକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଖେଳାଯିବ ।

# ବ୍ୟାଡ୍‌ମିଣ୍ଟନ୍

ଚୀନ୍‌ର ହାଙ୍ଗ୍-ଝାଉଠାରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ ଟୁର୍ ଫାଇନାଲ୍‌ରେ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟି ଆଜି ଇଣ୍ଡୋନେସିଆର ଫଜର୍ ଆଲ୍‌ଫିଆଲ୍ ଓ ମହମ୍ମଦ ସୋହିବୁଲ୍ ଫିକ୍ରି'ଙ୍କ ଯୋଡ଼ିକୁ ଭେଟିବେ । ଏହି ମ୍ୟାଚ୍‌ର ବିଜୟୀ ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ । ଭାରତୀୟ ଯୋଡ଼ି ଗ୍ରୁପ୍-ବି'ରେ ତାଙ୍କର ପ୍ରାରମ୍ଭିକ ମ୍ୟାଚ୍‌ରେ ଚୀନ୍‌ର ଚାଙ୍ଗ୍ ଓ୍ୱାଙ୍ଗ୍ ଏବଂ ଓ୍ୱି କେଙ୍ଗ୍ ଲିଆଙ୍ଗ୍'ଙ୍କ ଯୋଡ଼ିକୁ ୧୨-୨୧, ୨୨-୨୦, ୨୧-୧୪ରେ ପରାସ୍ତ କରିଛନ୍ତି ।

*****